## ସଂକ୍ଷେପରେ

### ୨ଦିନରେ ୧୦.୮୪ ଲକ୍ଷ ଟଙ୍କା ବ୍ୟବସାୟ

**ଢେଙ୍କାନାଳ ଅଫିସ୍, ୧୨।୬:** ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟାସ୍ଥିତ କଳାକୃତି ଗ୍ରାମ ସଦେଇବେରେଣୀ-ନବଜୀବନପୁରରେ ଦୁଇଦିନ ଧରି ଚାଲିଥିବା ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଓ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୪୦ ଷ୍ଟଲ୍‌ରେ ଆୟୋଜିତ କ୍ଷୁଦ୍ର ହସ୍ତଶିଳ୍ପ ପ୍ରଦର୍ଶନୀରେ ଡୋକ୍ରା କଳାକୃତି ଓ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହୋଇଥିଲା। ପ୍ରଥମ ଦିନରେ ୪ ଲକ୍ଷ ୫୬ ହଜାର ୩୦୦ ଏବଂ ଦ୍ୱିତୀୟ ଦିନରେ ୬ଲକ୍ଷ ୨୭ହଜାର ୮୬୦ ଏହିପରି ମୋଟ ୧୦ଲକ୍ଷ ୮୪ ହଜାର ୧୬୦ ଟଙ୍କାର ବ୍ୟବସାୟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଦୀର୍ଘ ୩ବର୍ଷ ପରେ କଳାକୃତି ଗ୍ରାମ କାର୍ଯ୍ୟକ୍ଷମ ହୋଇଥିବାରୁ ଏହାକୁ ନେଇ କାରିଗରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ଟ୍ରକ୍ ଧକ୍କାରେ ୨ ଯୁବକ ଗୁରୁତର

**ପରଜଙ୍ଗ, ୧୨।୬(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତୀରା ଗ୍ରାମରେ ରବିବାର ଅପରାହ୍ନରେ ଟ୍ରକ୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଣ୍ଟାପାଳ କଲୋନୀ-୨ର ତୁଷାରକାନ୍ତ ସାହୁ (୩୦) ଓ ଟୁଟୁ ସାହୁ (୩୨)। ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ମହାବିରୋଡ ଫାଣ୍ଡିରେ ଅଟକ ରଖାଯାଇଛି। ପୋଲିସ ତଦନ୍ତ କରୁଥିବା ଏଏସ୍‌ଆଇ ସହଦେବ ଲେଙ୍କା ସୂଚନା ଦେଇଛନ୍ତି।

### ସଂଘବଦ୍ଧ ଆକ୍ରମଣ, ୪ ଗୁରୁତର

**ଢେଙ୍କାନାଳ ଅଫିସ୍, ୧୨।୬:** ଢେଙ୍କାନାଳ ସଦର ଥାନା ବାଙ୍କୁଆଲ ଗ୍ରାମରେ ରବିବାର ଆମ୍ବତୋଳାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଜଣେ ଶିଶୁଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲୋକନାଥ ବିଶ୍ୱାଳ (୫୭), ତାଙ୍କ ସ୍ତ୍ରୀ ବାସନ୍ତୀ ବିଶ୍ୱାଳ (୪୫), ପୁଅ ରାଜା ବିଶ୍ୱାଳ (୨୧) ଏବଂ ନାତି ଶ୍ରୀରାମ (୬)। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲୋକନାଥ ଏବଂ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଉକ୍ତ ବିବାଦୀୟ ଜମିରେ ଥିବା ଆମ୍ବଗଛରୁ ରାଜା ଆମ୍ବ ତୋଳୁଥିବାବେଳେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସୂଚନା ପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

### ଜୁଆଖେଳ, ୨ ଗିରଫ

**କାମାକ୍ଷାନଗର, ୧୨।୬(ଡି.ଏନ୍.ଏ.):** ଆମ୍ବତୋଟାରେ ଜୁଆଖେଳ ଚାଲିଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପୋଲିସ ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୀପ୍ତିରଞ୍ଜନ ବିଶ୍ୱାଳ ଏବଂ ପହିଲି ବିଶ୍ୱାଳ। ସେମାନଙ୍କ ନିକଟରୁ ନଗଦ ୩୧ ହଜାର ୧୫୦ ଟଙ୍କା, ଗ୍ୟାସ୍ ଲାଇଟ୍, ବାଇକ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସାରୁଆଲି ଗ୍ରାମ ଶବରସାହି ଆମ୍ବତୋଟାରେ ଜୁଆ ଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଥାନାଧିକାରୀ ଶରତ କୁମାର ମହାଲିକଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଦୀପ କୁମାର ଲେଙ୍କା ସଦଳବଳ ଚଢ଼ାଉ କରିଥିଲେ। ତେବେ ଅନ୍ୟମାନେ ଖସି ପଳାଇଥିବାବେଳେ ସାରୁଆଲି ଗ୍ରାମର ଦୀପ୍ତିରଞ୍ଜନଙ୍କୁ ପୋଲିସ କାବୁ କରିଥିଲା। ତାଙ୍କ ସୂଚନା ଆଧାରରେ ପହିଲିଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୨୯/୨୨ରେ ମାମଲା ରୁଜୁ ହୋଇଛି।

### ଶତାୟୁ ବ୍ୟକ୍ତିଙ୍କ ପରଲୋକ

**ପରଜଙ୍ଗ, ୧୨।୬(ଡି.ଏନ୍.ଏ.):** କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ଗ୍ରାମର ଶତାୟୁ ବ୍ୟକ୍ତି ଭିକ ବେହେରା (୧୦୨)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ପରଲୋକରେ ଘାଗରାମୁଣ୍ଡା ସମିତି ସଦସ୍ୟ ପଦ୍ମିନୀ ବେହେରା, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ସମୟରେ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ମିଳୁନି ମୁନ୍ଦାଏ ପାଣି

■ଥଣ୍ଡା ପାଣି ପ୍ରକଳ୍ପ, ନଳକୂପ ଅଚଳ
■ହୀନସ୍ତା ହେଉଛନ୍ତି ୭୦୦ ବ୍ୟବସାୟୀ
■ଆନ୍ଦୋଳନ କରିବାକୁ ଚେତାବନୀ



**ଭୁବନ, ୧୨।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏନ୍‌ଏସିର ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳୀ ନୂଆବଜାରରେ ସୃଷ୍ଟି ହୋଇଛି ଜଳସଙ୍କଟ। ଦୀର୍ଘ ୧୦ବର୍ଷ ତଳେ ଏଠାରେ ସ୍ଥାପିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଏବଂ ଏକମାତ୍ର ନଳକୂପ ଅଚଳ ହୋଇପଡ଼ିବା ପରେ ପାଣି ମୁନ୍ଦାଏ ପାଇଁ ଦହଗଞ୍ଜ ହେଉଛନ୍ତି ବ୍ୟବସାୟୀ, ଗ୍ରାହକ ଏବଂ ବସ୍‌ଯାତ୍ରୀ। ଏହାକୁ ନେଇ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ର ହେଉଥିବାବେଳେ ଆନ୍ଦୋଳନ ଏକମାତ୍ର ବିକଳ୍ପ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି ବ୍ୟବସାୟୀ।

ଅଭିଯୋଗ ଅନୁଯାୟୀ, ନୂଆବଜାର ଉପରେ ନିର୍ଭର କରନ୍ତି ଭୁବନ ବ୍ଲକ ସମେତ ପଡ଼ୋଶୀ କେନ୍ଦୁଝର ଏବଂ ଯାଜପୁର ଜିଲାର ବ୍ୟବସାୟୀ। ରାତି ପାହିଲେ ଏଠାରେ ଦୋକାନ ଖୋଲନ୍ତି ୭୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ। ନିକଟରେ ବସ୍‌ଷ୍ଟାଣ୍ଡ ରହିଛି। ଦୈନିକ ୪୦ରୁ ଊର୍ଦ୍ଧ୍ୱ ବସ୍ ଯାତାୟତ କରୁଥିବାବେଳେ ବିଭିନ୍ନ କାର୍ଯ୍ୟରେ ଆସନ୍ତି ସହସ୍ରାଧିକ ଯାତ୍ରୀ। ଏହାକୁ ଦୃଷ୍ଟିରେ ରଖି ୧୦ ବର୍ଷ ତଳେ ସ୍ଥାପନ କରାଯାଇଥିଲା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ। ତେବେ ପୁରୁଣା ହୋଇଯାଇଥିବାରୁ ଏହା ବାରମ୍ବାର ଅକାମୀ ହୋଇପଡୁଛି। ୩ଦିନ ହେଲା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିବା ପରେ ସମସ୍ୟା ଆହୁରି ବଢ଼ିଯାଇଛି। ଏନ୍‌ଏସି ପକ୍ଷରୁ ଜଳଛତ୍ର ବ୍ୟବସ୍ଥାର ଠିକ୍ ପରିଚାଳନା ହେଉନାହିଁ। ଆଗକୁ ରଜ ମହୋତ୍ସବ ଥିବାରୁ ବଜାରରେ ଅସମ୍ଭାଳ ଭିଡ଼ ହେଉଛି। ହେଲେ ଏଭଳି ଏକ ବୃହତ୍ ବ୍ୟବସାୟିକ ପେଣ୍ଠସ୍ଥଳୀରେ ପାଣି ମୁନ୍ଦାଏ ନ ମିଳିବା ଚିନ୍ତାର ବିଷୟ ହୋଇଛି।

ସେହିପରି ନବନିର୍ମିତ ଶୌଚାଳୟ ତାଲା ଖୋଲୁ ନ ଥିବାରୁ ଯାତ୍ରୀମାନେ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସେମାନେ ଖୋଲାଜାଗାରେ ଶୌଚ କରୁଛନ୍ତି। ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଦୋକାନ ବାରଣ୍ଡାରେ ମୁଣ୍ଡ ଗୁଞ୍ଜୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍‌ଏସି କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦେଉ ନ ଥିବା ବ୍ୟବସାୟୀମାନେ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ କୁହନ୍ତି, କିଛିଦିନ ତଳେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଫ୍ରିଜର ମରାମତି କରାଯାଇଥିଲା। ଏହା ପୁଣି ଅଚଳ ହୋଇଯାଇଥିବା ନେଇ ତାଙ୍କ ନିକଟରେ ଅଭିଯୋଗ ହୋଇନାହିଁ। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ। ଶୌଚାଳୟ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଆଯିବ। ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସୋନାଲି ନାୟକ କୁହନ୍ତି, ନଳକୂପ ଅଚଳ ହୋଇଯାଇଥିବା ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ହୋଇନାହିଁ। ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ତୁରନ୍ତ ମରାମତି କରାଯିବ।

**ସବୁ କାଗଜ କଲମରେ ସୀମିତ**



" ନୂଆବଜାର ଉପରେ ବ୍ଲକର ହଜାର ହଜାର ବ୍ୟବସାୟୀ ଏବଂ ଗ୍ରାହକ ନିର୍ଭରଶୀଳ। ଏଠାରେ ପାନୀୟ ଜଳର ଅଭାବ ଲାଗି ରହିଛି। ଶୌଚାଳୟ ଥାଇ କାମରେ ଆସୁନାହିଁ। ଏନ୍‌ଏସି କର୍ତ୍ତୃପକ୍ଷ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସେମାନେ ଦେଇଥିବା ସମାଧାନର ପ୍ରତିଶ୍ରୁତି କାଗଜକଲମରେ ସୀମିତ ହୋଇ ରହିଯାଇଛି।

-ଦୁଷ୍ମନ୍ତ ପୃଷ୍ଟି, ବଜାର କମିଟି ସଭାପତି

**ଦୋକାନ ବାରଣ୍ଡା ପାଲଟିଛି ବିଶ୍ରାମସ୍ଥଳୀ**



" ବଜାରରେ ଯାତ୍ରୀ ଓ ବ୍ୟବସାୟୀଙ୍କ ସାମୟିକ ବିଶ୍ରାମ ଲାଗି କୌଣସି ବ୍ୟବସ୍ଥା ନାହିଁ। ଲୋକମାନେ ଦୟନୀୟ ଅବସ୍ଥାରେ ଦୋକାନ ବାରଣ୍ଡାରେ ବିଶ୍ରାମ ନେଉଛନ୍ତି। ସୁବିଧାରେ ପିଇବା ପାଣି ମିଳୁନାହିଁ। ଏନ୍‌ଏସି ପକ୍ଷରୁ କରାଯାଇଥିବା ଜଳଛତ୍ରର ଚିହ୍ନବର୍ଣ୍ଣ ନାହିଁ। ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ।

-ଚନ୍ଦ୍ରମଣି ନାଥ, ବ୍ୟବସାୟୀ

# 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ



ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

**ପରଜଙ୍ଗ, ୧୨।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ତରଫରୁ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ରବିବାର କୁଟୁରିଆ ହାଇସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ସଂଘ ସଭାପତି ରାଜେଶ ଦେହୁରୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ସମ୍ମାନିତ ଅତିଥି କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ଯୋଗ ଦେଇଥିଲେ।

ମନୁଷ୍ୟକୃତ କାରଣରୁ ଜଙ୍ଗଲ ସମ୍ପଦ ନଷ୍ଟ ହେବାରେ ଲାଗିଛି। ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି। ତାପମାତ୍ରା ବୃଦ୍ଧି ପାଉଛି। ଅନିୟମିତ ବୃଷ୍ଟିପାତ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ମତ ପ୍ରକାଶ ପାଇଥିଲା। ସଂଘ ଉପଦେଷ୍ଟା ବୀରବର ସାହୁ, ସାଧାରଣ ସମ୍ପାଦକ ଟୁକୁନା ବିଶ୍ୱାଳ, ଉପସଭାପତି ଦୀପେଶ ପଣ୍ଡା, କୋଷାଧ୍ୟକ୍ଷ ଅରବିନ୍ଦ ପାଲ, ଯୁଗ୍ମ ସମ୍ପାଦକ ସୁବାସ ପଧାନ, କାର୍ଯ୍ୟକାରୀ କମିଟି ସଦସ୍ୟ ଟଙ୍କଧର ନାଏକ, କ୍ଷୀରୋଦ ଦେହୁରୀ, ଚଗଲା ଦେହୁରୀ, ବିରଞ୍ଚି ସାହୁ, ଦୀପ୍ତିରଞ୍ଜନ ସାହୁ, ସଂକର୍ଷଣ ନାଏକ, ରୀତେଶ ବ୍ରହ୍ମା, ସୁମିତ୍ରା ମିଶ୍ର, ଦୀପକ ସାହୁ, ଜିତେନ୍ଦ୍ର ପାଣି, ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ସମୀର



ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଦଳୀୟ କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

**ପରଜଙ୍ଗ, ୧୨।୬(ଡି.ଏନ.ଏ.)**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ରବିବାର ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ 'ମିଶନ-୨୦୨୪'କୁ ନେଇ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

ଭାଜପା ରାଜ୍ୟ ସଭାପତି ପ୍ରଥମେ କୁଆଳୋସ୍ଥିତ ଐତିହ୍ୟସମ୍ପନ୍ନ ଅଷ୍ଟଶମ୍ଭୁ ପୀଠ ପରିଦର୍ଶନ କରିଥିଲେ। ଏହାପରେ ଏକ ବାଇକ୍ ଶୋଭାଯାତ୍ରାରେ ପରଜଙ୍ଗ ବଜାରସ୍ଥିତ ସଂଗ୍ରାମୀ ମହେଶ୍ୱର ସୁବାହୁସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁକ୍ତାପଶିରେ ଆୟୋଜିତ ଗରିବ କଲ୍ୟାଣ କାର୍ଯ୍ୟକ୍ରମରେ ଯୋଗଦେଇ ମୋଦି ସରକାରଙ୍କ ୮ବର୍ଷ ଶାସନ ସମୟ ମଧ୍ୟରେ ନିଆଯାଇଥିବା ଜନମଙ୍ଗଳକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କନ୍ତୋର ଗ୍ରାମର ବରିଷ୍ଠ ବିଜେଡି ନେତା ରତ୍ନାକର ଭୋଇ ଭାଜପାରେ ଯୋଗଦାନ କରିଛନ୍ତି। ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଅନ୍ତର୍ଯ୍ୟାମୀ ସାହୁ, ଅଞ୍ଜଳି ବେହେରା, ଜିଲା ସଭାପତି ନରେଶ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଏବଂ କର୍ମୀ ଉପସ୍ଥିତ ଥିଲେ।

# ପାଲା ସମ୍ମିଳନୀ

**ପରଜଙ୍ଗ, ୧୨।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କେରଜୋଳି ପଞ୍ଚାୟତ ଅନ୍ତର୍ଗତ ଝାଞ୍ଜିରିବେରଣା ଗ୍ରାମରେ ଦୁଇଦିନିଆ ପାଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ। ପାଲା ଗାୟକ, ବାୟକଙ୍କ ଦ୍ୱାରା ରାମାୟଣ, ମହାଭାରତ ଆଧାରିତ ପୌରାଣିକ ତର୍କବିତର୍କକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

କରୋନା କଟକଣା ପାଇଁ ପାଖାପାଖି ୨ବର୍ଷ ହେଲା ପାଲା କଳାକାରମାନେ ହାତବାନ୍ଧି ବସିଥିଲେ। ଏବେ ମହାମାରୀ ନିୟନ୍ତ୍ରଣରେ ଥିବାରୁ ସେମାନେ ମଞ୍ଚକୁ ଫେରିଛନ୍ତି। କଙ୍କଡ଼ାହାଡ଼ ପାଲା ଗାୟକ ସଂଘ ଏବଂ ଉତ୍ସାହୀ କଳାକାରଙ୍କ ଉଦ୍ୟମରେ ଆୟୋଜିତ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏହାକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ସରପଞ୍ଚ ରାଜକିଶୋର ସାହୁ, ବ୍ଲକ କଳାକାର ସଂଘ ସଭାପତି ଶୁକଦେବ ପଣ୍ଡା, ଉପସଭାପତି ସନ୍ତୋଷ ମହାରଣା, ସମ୍ପାଦକ ତରୁଣ ପାତ୍ର ପ୍ରମୁଖ ଯୋଗଦେଇ ପାଲା କଳାକାରଙ୍କୁ ଉତ୍ସାହିତ କରାଇଥିଲେ।

# ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଦାବିପତ୍ର

**ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ହେଉ କପିଳାସ, ଯୋରନ୍ଦା**

**ଢେଙ୍କାନାଳ ଅଫିସ, ୧୨।୬**

ଢେଙ୍କାନାଳ ଜିଲାର କପିଳାସ ଏବଂ ମହିମା ଧର୍ମ ପୀଠ ଯୋରନ୍ଦାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ପଦକ୍ଷେପ ନେବାକୁ ଦାବି କରିଛି ଉଫୁନା ଅନୁଷ୍ଠାନ। କଳାକୃତି ଗ୍ରାମ ନବଜୀବନପୁର-ସଦେଇବେରେଣୀରେ ଅନୁଷ୍ଠିତ ପ୍ରଥମ ସପ୍ତଶଯ୍ୟା ହସ୍ତଶିଳ୍ପ ଏବଂ ସଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ସରୋଜ ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ଡ. ପୀତବାସ ସାହୁ ପ୍ରମୁଖ ସ୍ଥାନିୟ ସର୍କିଟ ହାଉସ୍‌ଠାରେ ମନ୍ତ୍ରୀଙ୍କ ସହ ଜିଲାର ପର୍ଯ୍ୟଟନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କ ସହିତ ଆଲୋଚନା ବେଳେ ଉଫୁନାର କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟମାନେ।

# ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ,୧୨।୬**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକଙ୍କୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ପ୍ରଥମ ଜାତୀୟ ଜ୍ୟୋତିଷ ଶାସ୍ତ୍ର କର୍ମଶାଳା-୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି। ଜ୍ୟୋତିଷ ବିଦ୍ୟାରେ ରୋଗ ନିରାକରଣ ଗବେଷଣାରେ ଶ୍ରେଷ୍ଠ କୃତିତ୍ୱ ପାଇଁ ତାଙ୍କୁ 'ଜ୍ୟୋତିଷ ବିଦ୍ୟାସାଗର' ସମ୍ମାନରେ ସମ୍ମାନିତ କରାଯାଇଛି। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିଷଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଚିତ୍ତରଞ୍ଜନ ନାୟକଙ୍କ ଆବାହକତ୍ୱ ଏବଂ ଜମ୍ମୁକାଶ୍ମୀରର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ହରିହର ହୋତା, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାରଙ୍କୁ ସମ୍ମାନିତ କରାଯାଉଛି।

# ଯୁବତୀ ମୃତ, ମା' ଗୁରୁତର

**ଭୁବନ, ୧୨।୬(ଡି.ଏନ୍.ଏ.)**

ରଜ ଉତ୍ସବ ପାଇଁ ଖୁସି ମନରେ ମା', ଭାଇଙ୍କ ସହ ବାହାରିଥିଲେ ମାର୍କେଟିଂ କରିବାକୁ। ନୂଆ ପୋଷାକ ସହିତ ଅନ୍ୟ ସାମଗ୍ରୀ କିଣି ବାହୁଡୁଥିଲେ ଘରକୁ। ତେବେ ଘରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ଧକ୍କାଦେଲା ବୋଲେରୋ। ଏଥିରେ ଚାଲିଗଲା ଜଣେ ଯୁବତୀଙ୍କ ଜୀବନ। ଢେଙ୍କାନାଳ ଜିଲା ଭୁବନ ଥାନା ୫୩ନଂ. ଜାତୀୟ ରାଜପଥର କଲେଜ ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ କାନଖାଇ ଗ୍ରାମର ଚୈତନ୍ୟ ସାହୁଙ୍କ ଝିଅ ମିନା ସାହୁ (୩୦)। ଏଥିରେ ମୃତ ଯୁବତୀଙ୍କ ମା' ସୁକାନ୍ତି ସାହୁ ଗୁରୁତର ହୋଇଥିବାବେଳେ ଭାଇ ତରଣୀସେନ ସାମାନ୍ୟ ଆହତ ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଉକ୍ତ ବୋଲେରୋ (ନଂ. ଓଡି ୦୨ ଟି ୧୮୯୬) ଯାଜପୁରରୁ କାମାକ୍ଷାନଗର ଆଡ଼କୁ ଯାଉଥିଲା। ଏହି ସମୟରେ ଭୁବନରୁ ମାର୍କେଟିଂ ସାରି ଏକ ବାଇକ୍ (ନଂ. ଓଆର୍ ୦୨ ଏଏଫ୍ ୬୦୪୩)ରେ ସମ୍ପୃକ୍ତ ୩ଜଣ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବୋଲେରୋ ଧକ୍କାରେ ମିନା ଗାଡ଼ିରୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ରାସ୍ତାପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ସୁକାନ୍ତିଙ୍କ ବାମ ହାତର ଏକ ଅଙ୍ଗୁଳି ଭାଙ୍ଗିଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ମିନା ଏବଂ ସୁକାନ୍ତିଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମିନାଙ୍କୁ ମୃତ ଘୋଷଣା କରିଥିଲେ।

ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଏବଂ ବାଇକ୍‌କୁ ଜବତ କରିଛି। ଗାଡ଼ି ଡ୍ରାଇଭର ଅଟକ ଅଛନ୍ତି। ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।

■୫୩ନଂ. ଜାତୀୟ ରାଜପଥରେ ଦୁର୍ଘଟଣା
■ଅଧା ରହିଗଲା ରଜ ସଜବାଜ



ଗୁରୁତର ସୁକାନ୍ତି ସାହୁ।

# ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍, ଯୁବକ ମୃତ

**କାମାକ୍ଷାନଗର, ୧୨।୬(ଡି.ଏନ୍.ଏ.)**

ଆସନ୍ତା ୨୭ ତାରିଖରେ କରିଥାଆନ୍ତେ ଭଉଣୀଙ୍କ ବାହାଘର। ଏଥିଲାଗି ଭଉଣୀଭାଇ ଦୁହେଁ ଆସୁଥିଲେ ମାର୍କେଟିଂ କରିବାକୁ। ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସମ୍ମୁଖ ପଟରୁ ବାଇକ୍‌କୁ ଧକ୍କାଦେଲା ଏବଂ ଏଥିରେ ଚାଲିଗଲା ଯୁବକଙ୍କ ଜୀବନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ପଞ୍ଚାୟତ କାକୁଡ଼ିଆ ଛକରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଘଟିଥିବା ଏଭଳି ଏକ ହୃଦୟ ବିଦାରକ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତକ ହେଲେ କାମାକ୍ଷାନଗର ଥାନା ଦୀଘି ଗ୍ରାମର ଅବିନାଶ ବେହେରା (୨୬)। ଏଥିରେ ତାଙ୍କ ଭଉଣୀ ଗୁରୁତର ହୋଇଛନ୍ତି। ତାଙ୍କ ହାତ ଏବଂ ଛାତିରେ ଗଭୀର ଆଘାତ ଲାଗିଛି।

ଦୁର୍ଘଟଣା ପରେ ଅଭିନାଶଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଉଥିବାବେଳ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମୃତକଙ୍କ ପରିବାର ଶୋକରେ ବୁଡ଼ିଥିବାରୁ ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ କରିପାରି ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**୨୭ରେ ଭଉଣୀ ବାହାଘର**

## ସଂକ୍ଷେପରେ

### ଚୋରା ମଦ ଚାଲାଣ ଅଭିଯୋଗ

ବଇଣ୍ଡା,୧୨।୬(ଡି.ଏନ.ଏ.): ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ବାଇକ୍ ଯୋଗେ ଚୋରା ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ବଇଣ୍ଡା ଗ୍ରାମବାସୀ ଶନିବାର ଜିଲା ଏସ୍‌ପି, ଜିଲାପାଳ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବଇଣ୍ଡା ଅଞ୍ଚଳରେ ମଦ ବ୍ୟବସାୟ ବଢ଼ାଇବା ପାଇଁ କେତେଜଣ ଅସାଧୁ ବ୍ୟବସାୟୀ କର୍ମଚାରୀମାନଙ୍କ ଦ୍ୱାରା ବାଇକ୍ ଯୋଗେ ବଇଣ୍ଡା ଓ ଆଖପାଖ ଅଞ୍ଚଳକୁ ଚୋରାରେ ମଦ ଚାଲାଣ କରୁଛନ୍ତି। ଅପରାହ୍ନ ସମୟରେ ୫ ରୁ ୬ ପେଟି ବିଦେଶୀ ମଦ ବସ୍ତାରେ ବାଇକ୍ ମାଧମରେ ଚାଲାଣ କରୁଛନ୍ତି। ଗାଁ ଗହଳିରେ ବ୍ୟାପକ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିଲେ ମଧ ଠିକ୍ ଭାବରେ ଚଢ଼ାଉ କରାଯାଉନାହିଁ। ତୁରନ୍ତ ଚୋରା ମଦ ଚାଲାଣ ରୋକିବା ଓ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା କହିଛନ୍ତି, ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ।

### ବଳାତ୍କାର ଅଭିଯୋଗରେ ୨ ଗିରଫ

ଅନୁଗୋଳ ଅଫିସ,୧୨।୬: ଅନୁଗୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ୨ ଅଭିଯୁକ୍ତ ଅମର ସାହୁ ଓ କାହ୍ନୁ ନାଏକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଗତ ଶନିବାର ସନ୍ଧ୍ୟା ୬ ଟାରେ ମହିଳା ଜଣଙ୍କ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଲୁଚି ରହିଥିବା ଅମର ଓ କାହ୍ନୁ ତାଙ୍କୁ ଟଣାଓଟରା କରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ତାଙ୍କୁ ଏକ ଅନ୍ଧାରିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ କରି ଏସ୍‌ଆଇ ଶୁଭଲକ୍ଷ୍ମୀ ସିଂହ ଘଟଣାର ତଦନ୍ତ କରିଥିଲେ।

### ୨ ସନ୍ଦିଗ୍ଧଙ୍କୁ ଉଠାଇ ଆଣିଲା ପୋଲିସ

ଅନୁଗୋଳ ଅଫିସ,୧୨।୬: ଅନୁଗୋଳ ଥାନା ଅଞ୍ଚଳରେ ଚୋରି ଘଟଣା ବଢ଼ିଚାଲିଛି। ଦୁର୍ବୃତ୍ତମାନେ ଦିନବେଳା ମଧ ଘରେ ପଶି ଟଙ୍କା, ସୁନାଗହଣା ଲୁଟି ନେଉଛନ୍ତି। ଏ ନେଇ ଥାନାରେ ଅଭିଯୋଗ ବଢୁଥିବା ବେଳେ ରବିବାର ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ସହର ଓ ସହର ଉପକଣ୍ଠରେ ଥିବା ସନ୍ଦିଗ୍ଧଙ୍କ ଆଡ୍ଡାରେ ଚଢାଉ କରିଥିଲା। ବିଭିନ୍ନ ସ୍ଥାନରେ ଚଢାଉ ସମୟରେ ୨ରୁ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରା ଉଚରା କରୁଥିବା ଜଣାପଡିଛି। ସମ୍ପୃକ୍ତ ସନ୍ଦିଗ୍ଧଙ୍କ ନିକଟରୁ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ପୋଲିସ ପକ୍ଷରୁ ଜରିମାନା ଆଦାୟ

ବଇଣ୍ଡା,୧୨।୬(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କଦଳୀମୁଣ୍ଡାଠାରେ ହଣ୍ଡପା ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡି ଗୁଡିକ ଅଟକାଇ କାଗଜପତ୍ର, ଲାଇସେନ୍ସ, ହେଲମେଣ୍ଟ ଯାଞ୍ଚ କରାଯାଇଥିଲା। ଏଥିରେ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବେ ଏସ୍‌ଏଚ୍‌ଜି

ଅନୁଗୋଳ ଅଫିସ, ୧୨।୬

ସ୍ୱାସ୍ଥ୍ୟସେବାକୁ ଅଧିକ ସ୍ୱଚ୍ଛ ଓ ସୁନ୍ଦର କରାଯିବ। ସେଥିପାଇଁ ପୂର୍ବ ବ୍ୟବସ୍ଥାରେ ପରିବର୍ତ୍ତନ କରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଏଥିରେ ସାମିଲ କରିବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଏଣିକି ମେଡିକାଲଗୁଡ଼ିକରେ ଠିକା ସଂସ୍ଥା ସ୍ଥାନରେ ଏସ୍‌ଏଚ୍‌ଜିଗୁଡ଼ିକ ୧୩ଟି କାର୍ଯ୍ୟ ପରିଚାଳନା କରିବେ। ରୋଗୀଙ୍କୁ ଖାଦ୍ୟ ଯୋଗାଣଠାରୁ ଆରମ୍ଭ କରି ମହାପ୍ରୟାଣ ଗାଡ଼ିରେ ମୃତଦେହ ଘରେ ପହଞ୍ଚାଇବା ଯାଏ ବିଭିନ୍ନ ଦାୟିତ୍ୱ ଏସ୍‌ଏଚ୍‌ଜି ନିର୍ବାହ କରିବେ। ମହିଳାମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ପକ୍ଷରୁ ନିଆଯାଇଥିବା ଏଭଳି ନିଷ୍ପତ୍ତି ସ୍ୱାସ୍ଥ୍ୟସେବାରେ ଅଧିକ ସୁଧାର ଆଣିପାରିବ ବୋଲି କୁହାଯାଉଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ପୂର୍ବରୁ ମିଶନ ଶକ୍ତି ଜରିଆରେ ଏସ୍‌ଏଚ୍‌ଜିଗୁଡ଼ିକୁ ବିଦ୍ୟାଳୟରେ ଖାଦ୍ୟ ଯୋଗାଣ, ବିଦ୍ୟୁତ୍ ବିଲ୍ ସଂଗ୍ରହ ଓ ଚାଷୀଙ୍କଠାରୁ ଧାନ କିଣା ବ୍ୟବସ୍ଥାରେ ସାମିଲ କରାଯାଇଥିଲା। ଏଣିକି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ଏସ୍‌ଏଚ୍‌ଜି ମାଧମରେ ପରିଚାଳନା ପାଇଁ ସରକାର ସ୍ଥିର କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ମିଶନ ଶକ୍ତି ପକ୍ଷରୁ ଗତବର୍ଷ ଯୁଗ୍ମ ଚିଠି ନଂ. ୩୧୧୦୪/୨୦।୧୧।୨୦୨୧ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ କରାଯାଇଥିଲା। ଆସିଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି, ମେଡିକାଲରେ ହାଉସକିପିଂ ଓ ସଫେଇ ପରିଚାଳନା ଦାୟିତ୍ୱରେ ଏସ୍‌ଏଚ୍‌ଜିକୁ ନିୟୋଜିତ କରାଯିବ। ଗ୍ରାମସ୍ତରରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ଦିବସ ପାଳନର ପରିଚାଳନା ଦାୟିତ୍ୱ, ନିକଟସ୍ଥ ପରୀକ୍ଷାକେନ୍ଦ୍ରକୁ ନମୁନା ପରିବହନ, ଯକ୍ଷ୍ମାରୋଗୀଙ୍କ ନମୁନା, ଟିକା ପରିବହନ ଦାୟିତ୍ୱ ପ୍ରଦାନ କରାଯିବ। ୩ଶହ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଏଟ୍(ଖାଦ୍ୟ) ପରିଚାଳନା ଦାୟିତ୍ୱ ଦିଆଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟରେ ହେଲ୍ପ ଡେସ୍କ, କ୍ୟାଣ୍ଟିନ୍ ଓ ବଗିଚା ପରିଚାଳନା କାର୍ଯ୍ୟ ପ୍ରଦାନ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରତୀକ୍ଷାଳୟ ପରିଚାଳନା ସହ ଗ୍ରାମାଞ୍ଚଳରେ ମାସ୍କ ବାଣ୍ଟିବା, ପ୍ରସବ ପରେ ପ୍ରସୂତିଙ୍କୁ ସାନିଟାରୀ ନାପ୍‌କିନ୍ ପ୍ରେରଣ କରିବା, ମହାପ୍ରୟାଣ ଗାଡ଼ିରେ ମୃତଦେହ ଘରେ ପହଞ୍ଚାଇବା ଦାୟିତ୍ୱ ଏସ୍‌ଏଚ୍‌ଜି ନିର୍ବାହ କରିବେ। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଏହି ସରକାରୀ ନିର୍ଦ୍ଦେଶକୁ କିପରି ପାଳନ କରାଯିବ ସେ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିଲା। ଏହି ଚିଠି ପାଇବା ପରେ ଗତ ୮ ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ତେବେ ୩ଟି ବ୍ଲକରୁ କୌଣସି ଏସ୍‌ଏଚ୍‌ଜି ଏହି ବୈଠକରେ ଉପସ୍ଥିତ ନ ଥିବାରୁ ପୂର୍ଣ୍ଣ ଆଲୋଚନା ହୋଇପାରି ନ ଥିଲା। ଫଳରେ ଆସନ୍ତା ୧୬ ତାରିଖରେ ଆଉ ଏକ ବୈଠକ କରିବାକୁ ପିଡି ନିଷ୍ପତ୍ତି ନେଇଛନ୍ତି। କେଉଁ ଏସ୍‌ଏଚ୍‌ଜିକୁ କେଉଁ କାର୍ଯ୍ୟ ପ୍ରଦାନ କରାଯିବ, ସେ ନେଇ ଉକ୍ତ ବୈଠକରେ ସ୍ଥିର କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



- ମେଡିକାଲର ୧୩ ଦାୟିତ୍ୱ ଦେବାକୁ ସରକାରଙ୍କ ନିଷ୍ପତ୍ତି
- ରୋଗୀଙ୍କୁ ଖାଦ୍ୟ, ମହାପ୍ରୟାଣ ଗାଡ଼ିରେ ମୃତଦେହ ପହଞ୍ଚାଇବେ
- ୧୬ରେ ଗୋଷ୍ଠୀ ଚୟନ କରିବ ଅନୁଗୋଳ ସ୍ୱାସ୍ଥ୍ୟ ପ୍ରଶାସନ

**ଏସ୍‌ଏଚ୍‌ଜି ଅକ୍ଷମତା ପ୍ରକାଶ କଲେ ଟେଣ୍ଡର**



"ପ୍ରଥମେ ଏସ୍‌ଏଚ୍‌ଜି ଚୂଡ଼ାନ୍ତ ହେବା ପରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ବସିବ। ଏଥିରେ କେଉଁ ଏସ୍‌ଏଚ୍‌ଜି କେଉଁ କାର୍ଯ୍ୟ ପରିଚାଳନା କରିବେ, ସେ ନେଇ ନିଷ୍ପତ୍ତି ନିଆଯିବ। ଯେଉଁ କାର୍ଯ୍ୟ କରିବାକୁ ଏସ୍‌ଏଚ୍‌ଜି ଅକ୍ଷମତା ପ୍ରକାଶ କରିବେ ସେଥିପାଇଁ ଖୋଲା ଟେଣ୍ଡର ଡକାଯାଇ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ

**ଉନ୍ନତ କାର୍ଯ୍ୟ ଦେଖିବାକୁ ମିଳିବ**



"ମେଡିକାଲର ବିଭିନ୍ନ କାର୍ଯ୍ୟ ପରିଚାଳନା ନିମନ୍ତେ ନିଯୁକ୍ତ ହୋଇଥିବା ଠିକା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ଏବେ ଏସ୍‌ଏଚ୍‌ଜି ଏହି ଦାୟିତ୍ୱ ନେଲେ ମେଡିକାଲର ବିଭିନ୍ନ ସେବାରେ ଉନ୍ନତି ପରିଲକ୍ଷିତ ହେବା ଆଶା କରାଯାଉଛି। ଭଲ କାର୍ଯ୍ୟ ପାଇଁ ପୁରସ୍କାର ବ୍ୟବସ୍ଥା ଥିବାରୁ ପ୍ରତିଯୋଗିତାମୂଳକ ଭାବେ ଏସ୍‌ଏଚ୍‌ଜିଗୁଡ଼ିକ କାର୍ଯ୍ୟ କରିବେ।

-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

**ଭଲ ସେବା ପ୍ରଦାନ କରାଯିବ**



"ଠିକା ସଂସ୍ଥା ବିଭିନ୍ନ କାର୍ଯ୍ୟ ପରିଚାଳନାରେ ଅବହେଳା କରୁଥିଲା। ଏବେ ଏସ୍‌ଏଚ୍‌ଜିକୁ ଏହି କାର୍ଯ୍ୟ ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି ନେଇଥିବାରୁ ରୋଗୀ ସେବାରେ ଉନ୍ନତି ଆସିବ। ଏସ୍‌ଏଚ୍‌ଜିଗୁଡ଼ିକ ମଧ ସେମାନଙ୍କ ଦାୟିତ୍ୱ ପରିଚାଳନା ଠିକ୍ ଭାବେ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି।

-ସବିତା ଦାସ, ଦେବୀ ଦିବ୍ୟା ଏସ୍‌ଏଚ୍‌ଜି

**ଈଶ୍ୱରଙ୍କ ସେବା ଭଳି ଲାଗିବ**



"ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହା ଫଳରେ ମହିଳାମାନେ କେବଳ ସ୍ୱାବଲମ୍ବୀ ହେବ ନାହିଁ, ବରଂ ରୋଗୀ ସେବାକୁ ସେମାନେ ଈଶ୍ୱରଙ୍କ ସେବା ଭାବି କାର୍ଯ୍ୟ କରିବେ। ଏହା ଜିଲାର ମାନ ବଢ଼ାଇବାରେ ସହାୟକ ହେବ।

-ଭାରତୀ ସାହୁ, ଏକତ୍ୱ ଏସ୍‌ଏଚ୍‌ଜି

## ବିଦ୍ୟୁତ୍ ପାଇଁ କଳବଳ ହେଲେ ସହରବାସୀ

**୧୦ ମିନିଟ୍‌ର କାର୍ଯ୍ୟ ୪ ଘଣ୍ଟାରେ ସରିଲା**

ଅନୁଗୋଳ ଅଫିସ, ୧୨।୬

ଗତ ଦୁଇ ଦିନ ହେଲା ଅନୁଗୋଳରେ ତାତି ନ ଥିଲା। ପାଗ କାଉଁଳିଆ ଥିବାରୁ ଗ୍ରୀଷ୍ମ ପ୍ରବାହ ସେତେଟା ଅନୁଭବ କରିହେଉ ନ ଥିଲା। ହେଲେ ରବିବାର ଟାଇଁ ଟାଇଁ ଖରା ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅଥୟ ହୋଇପଡ଼ିଥିଲେ। ଏପରି ସମୟରେ ଦୀର୍ଘ ୪ ଘଣ୍ଟା ଧରି ସେକ୍ସନ-୧ରେ ବିଜୁଳି ବିଭ୍ରାଟ ଲୋକଙ୍କୁ କଳବଳ କରିଦେଇଥିଲା। ଏପରି କି ମାତ୍ର ୧୦ ମିନିଟ୍ ମରାମତି କାର୍ଯ୍ୟ ପାଇଁ ବିଦ୍ୟୁତ୍ ବିଭାଗକୁ ୪ଘଣ୍ଟା ଲାଗିଯାଇଥିଲା। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ଅନୁଗୋଳ ବିଦ୍ୟୁତ୍ ଡିଭିଜନର ସେକ୍ସନ୍-୧ରେ ମଧାହ୍ନରେ ବିଭ୍ରାଟ ଦେଖାଯାଇଥିଲା। ଗୋଟିଏ ସ୍ଥାନରୁ ଡମ୍ପର ଉଡ଼ିଯାଇଥିବାରୁ ସୌଭାଗ୍ୟନଗର, ତାମ୍ରିତ କଲୋନୀ, ହେମସୁରପଡ଼ା, ଶିକ୍ଷକପଡ଼ା, ପ୍ରଗତିନଗର, କୁମଣ୍ଡର କିଛି ଅଂଶ, ଭଣ୍ଡୁବର, ହୁଲୁରିସିଂହା, ବଣିଆବାହଳ, ଶରଧାପୁର ଆଦି ଅଞ୍ଚଳରୁ ବିଦ୍ୟୁତ୍ ଚାଲିଯାଇଥିଲା। ହେମସୁରପଡା ଅଞ୍ଚଳରେ ଥିବା ଡିଆଇସି ଛକରେ ଏହି ବିଭ୍ରାଟ ହୋଇଥିଲେ ହେଁ ବିଦ୍ୟୁତ୍ ବିଭାଗ ଜାଣିପାରି ନ ଥିଲା। ଏ ନେଇ ସୂଚନା ଦେବାକୁ ଲୋକେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ପର୍କ ହୋଇପାରିନଥିଲା। ପରେ ଅପରାହ୍ନ ୫ଟାରେ ଖବରପାଇ ବିଭାଗୀୟ କର୍ମଚାରୀ ବିଭ୍ରାଟ କେଉଁ କାରଣରୁ ହୋଇଛି ତାହା ଖୋଜିଥିଲେ। ଡିଆଇସି ଛକରେ ବିଭ୍ରାଟ ଖୋଜି ପାଇବା ସହ ମରାମତି କରିଥିଲା। କିନ୍ତୁ ୧୦ ମିନିଟ୍‌ର କାର୍ଯ୍ୟ ପାଇଁ ଦୀର୍ଘ ୪ ଘଣ୍ଟା ଧରି ସହରବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ବିଭାଗୀୟ ଅଧିକାରୀ କହିଛନ୍ତି, ବିଭ୍ରାଟ ସମ୍ପର୍କରେ କୌଣସି ସୂଚନା ନ ଥିଲା। ଖବର ପାଇବା ପରେ ତୁରନ୍ତ ମରାମତି କରାଯାଇଛି।

## ଆମ୍ ଆଦମୀ ପାର୍ଟି ବୈଠକ



ବଇଣ୍ଡା,୧୨।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ବରପଡ଼ିଆଠାରେ ରବିବାର ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜ୍ୟୋତିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଧାନସଭା ସଂଯୋଜକ ପ୍ରସାଦି ବେହେରା, ଲିଙ୍କନ ଘିୱାଲ, ମିଳନ ବିଶାଳ, ପ୍ରଦୀପ ପ୍ରଧାନ, ଗଙ୍ଗାଧର ସାହୁ, ମୁନା ବିଶାଳ, ବୁଲୁ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। କିଭଳି ୱାର୍ଡସ୍ତରରୁ କର୍ମୀ ଏକ୍‌ଜୁଟ କରି ଆଗାମୀ ୨୦୨୪ ନିର୍ବାଚନ ଲଢ଼ାଯିବ ସେ ନେଇ କାମ କରିବାକୁ ପରାମର୍ଶ ଦିଆଯାଇଥିଲା।

## ବିକାଶ ଉପରେ ଧ୍ୟାନ ଦେବାକୁ ପରାମର୍ଶ

ବଇଣ୍ଡା,୧୨।୬(ଡି.ଏନ.ଏ.)

ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କରିଥିବା ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ କର୍ମୀମାନେ ଧ୍ୟାନ ଦିଅନ୍ତୁ। ରବିବାର କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ପରସୁମାଳ ଓ ଝରାବେରେଣୀ ଗ୍ରାମରେ ଅନୁଷ୍ଠିତ ଅନୁଷ୍ଠିତ ବିଜେଡି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ ଏହି ପରାମର୍ଶ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଲେଇନାଳୀ, ଉରୁକୁଳା, ଝରାବେରେଣୀ ପଞ୍ଚାୟତର ଶତାଧିକ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ନଳିନୀ ବିଜେଡିର ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳ ମଜଭୁତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ବିଜେଡି ନେତା ମହେଶ୍ୱର ଦେହୁରୀ, ସନ୍ତୋଷ କୁମାର ପ୍ରଧାନ, ତପନ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।



ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ପର୍ଯ୍ୟବେକ୍ଷକ ସ୍ୱାଗତ କରୁଛନ୍ତି।

## ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଆହ୍ୱାନ

ଅନୁଗୋଳ ଅଫିସ/ ବନ୍ତଲା,୧୨।୬

ଅନୁଗୋଳ ଜିଲା ଶ୍ରମ ବିଭାଗ ତରଫରୁ ୧୫ ଦିନ ବ୍ୟାପୀ ଚାଲିଥିବା ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିବା ସହ ଶିଶୁ ଓ କିଶୋର ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ ସମ୍ପର୍କରେ ସମସ୍ତେ ସଚେତନ ହୋଇ ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ ନିଜ ବକ୍ତବ୍ୟରେ ସଚେତନତା ଶିବିରର ଆୟୋଜନ ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଶିଶୁ ଓ କିଶୋରମାନଙ୍କ ଥଇଥାନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ତାଳଚେର ଜିଲା ଶ୍ରମ ଅଧିକାରୀ ସୁବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଟ୍ରେଡ୍ ୟୁନିୟନ, ଅନୁଗୋଳ ଜିଲା ହିନ୍ଦ ମଜଦୁର ସଭାର ସଭାପତି ତ୍ରିଲୋଚନ ପ୍ରଧାନ, ଚାଇଲ୍ଡ ଲାଇନ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା ଉଦ୍ୟମ

ଛେଣ୍ଡିପଦା,୧୨।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଏକ ପ୍ରେମୀ ଯୁଗଳ ରବିବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବରପାଇ ଗ୍ରାମବାସୀ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ କାଜୁ ବଗିଚାରୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ଜରପଡା ଥାନା ଅଞ୍ଚଳର ଜନୈକା ମହିଳା (୩୫)ଙ୍କ ସ୍ୱାମୀ ରାଜ୍ୟ ବାହାରେ ଚାକିରି କରନ୍ତି। ତାଙ୍କର ଦୁଇଟି ଛୋଟ ଝିଅ ଅଛନ୍ତି। ହେଲେ ସମ୍ପୃକ୍ତା ମହିଳାଙ୍କ ସହ ସେହି ଗାଁର ଜଣେ ଯୁବକ (୨୫)ଙ୍କ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଏପରି କି ଦୁହେଁ ଅନେକ ସମୟରେ ମିଳାମିଶା କରୁଥିଲେ। ଉଭୟଙ୍କ ପରିବାର ପକ୍ଷରୁ ଏହାକୁ ବାରଣ କରାଯାଉଥିବାରୁ ରବିବାର ସକାଳେ ପ୍ରେମୀଯୁଗଳ ଘରୁ କେଉଁ ଆଡେ ପଳାଇଯାଇଥିଲେ। ତେବେ ଗ୍ରାମ ନିକଟସ୍ଥ ରେଳଧାରଣା ପାର୍ଶ୍ୱରେ ଥିବା କାଜୁ ବଗିଚାରେ ସେମାନେ ଗୁରୁତର ଅବସ୍ଥାରେ ପଡିଥିବା ଗ୍ରାମବାସୀ ଦେଖିବାକୁପାଇଥିଲେ। ସେମାନେ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା କହିବା ପରେ ଗ୍ରାମବାସୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଦୁହିଁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରେମିକଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ପ୍ରେମିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଖବର ଲେଖା ହେବା ସୁଦ୍ଧା ଜରପଡା ଥାନାରେ ଏ ନେଇ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ମନମୋହନ ଚୌଧୁରୀଙ୍କ ସ୍ମୃତିଚାରଣ

ଅନୁଗୋଳ ଅଫିସ,୧୨।୬

ଅନୁଗୋଳ ବାଜି ରାଉତ ଛାତ୍ରାବାସର ଶାନ୍ତି କୁଟୀରରେ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ୧୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଶ୍ରଦ୍ଧାଞ୍ଜଳି ସହ ସର୍ବଧର୍ମ ପ୍ରାର୍ଥନା ଓ ଶାନ୍ତି ପାଠ କରାଯାଇଥିଲା। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଛାତ୍ରାବାସ ଉପସଭାପତି କୁଳମଣି ବେହେରା, କୋଷାଧକ୍ଷ ଶଙ୍କର ବେହେରା, ଗୃହମାତା ସରସ୍ୱତୀ ସ୍ୱାଇଁ, ସୁଶ୍ରୀ ଲିପିକା ମହାପାତ୍ର, ଅମ୍ଳାନ ମହାନ୍ତି ପ୍ରମୁଖ ଯୋଗଦେଇ ମନମୋହନ ଚୌଧୁରୀଙ୍କ ଘଟଣାବହୁଳ ଜୀବନ ଏବଂ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସି ଅନେକବାର କାରାବରଣ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ବିନୋବାଙ୍କ ଭୂଦାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରତିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମୁଦ ଚନ୍ଦ୍ର ନାୟକ, କ୍ଷୀରୋଦ ବିଶ୍ୱାଳ, ରଞ୍ଜନ ତ୍ରିପାଠୀ, ମାମାଲି ଗଡ଼ନାୟକ, ଗାୟତ୍ରୀ ଗଡ଼ନାୟକ, ଲଳିତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସଂଗ୍ରାମୀ ମନମୋହନ ଚୌଧୁରୀଙ୍କ ପୂଣ୍ୟତିଥି ପାଳନ କରାଯାଉଛି।

## ସରକାରଙ୍କ ଯୋଜନା ଗାଁରେ ପହଞ୍ଚାଅ

ଛେଣ୍ଡିପଦା,୧୨।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ୫ଟି ପଞ୍ଚାୟତରେ ବିଜୁ ଜନତା ଦଳର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ସୁଶାନ୍ତ କୁମାର ବେହେରା,୧୬ନଂ. ଜୋନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ୧୪ନଂ. ଜୋନ ସଦସ୍ୟ ନଗେନ ପ୍ରଧାନ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଗ୍ରାମର ବିକାଶ ଉପରେ ଆଲୋଚନା କରିଥିଲେ। ଏଥିସହିତ ବିଜେଡିର ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଧାୟକ ସୁଶାନ୍ତ ବେହେରା ପରାମର୍ଶ ଦେଇଥିଲେ। ଛେଣ୍ଡିପଦା ପଞ୍ଚାୟତ ବୈଠକରେ ସୌରଭ ରଞ୍ଜନ ବେହେରା, ତ୍ରିନାଥ ବେହେରା, ଅମର କିଶୋର ବେହେରା, ଗୋବର୍ଦ୍ଧନ ନାୟକ, ବିଦ୍ୟାଧର ସାହୁ ଯୋଗ ଦେଇଥିବା ବେଳେ ପାତ୍ରପଡା ପଞ୍ଚାୟତରେ ବାସୁଦେବ ସାହୁ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ମୋହନ ସାହୁ, ଶରତ କୁମାର ପ୍ରଧାନ, ଲୁଲୁ ସାହୁ, ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ବାଗଡିଆ ପଞ୍ଚାୟତରେ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଜେନାମଣି ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ନିଶିକାନ୍ତ ବେହେରା, ସୌମ୍ୟରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ବରସାହି ପଞ୍ଚାୟତ ବୈଠକରେ ପ୍ରାଣବନ୍ଧୁ ମାଝି, ବିଜୟ କୁମାର ଗଡନାୟକ, ଭାଗବାନ ମାଝି, ଧୀରେନ କୁମାର ବାରିକ, ରଞ୍ଜନ କୁମାର ସାହୁ, ବସନ୍ତ ସାହୁ, ଯଦୁମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପୁର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ଲମ୍ବୋଦର ସାହୁ, ପ୍ରଫୁଲ୍ଲ କୁମାର ସାହୁ, କୃପାସିନ୍ଧୁ ସାହୁ, ଶୁକଦେବ ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ମହର୍ଗା ସାହୁ, ସନାତନ ସାହୁ, ଧ୍ରୁବ ଚରଣ ସାହୁ, ଦେବବ୍ରତ ସାହୁ, ସୁମନ୍ତ କୁମାର ପ୍ରଧାନ, ବିଶ୍ୱନାଥ ସାହୁ, ରାଜେଶ କୁମାର ପ୍ରଧାନ, ନରେନ୍ଦ୍ର ବେହେରା, ଶରତ ବେହେରା, ରବୀନ୍ଦ୍ର ସାହୁ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ବିଧାୟକଙ୍କ ସମେତ କର୍ମୀମାନେ।

**୫ ପଞ୍ଚାୟତରେ ବିଧାୟକଙ୍କ ବୈଠକ**

